Pragativadi
Date : 13.02.2019.

ପ୍ରଗତିବାଦୀ
ଟ୍ୱିନ୍‌ସିଟି ମିରର୍
pragativadi.com

ଆଇଆଇଟିର ପ୍ରତିଷ୍ଠା ଉତ୍ସବ

# ପଦାର୍ଥ ବିଜ୍ଞାନ ଆଧ୍ୟାମ୍ ବିଦ୍ୟା ପରସ୍ପର ପରିପୂରକ

• ଜଟଣୀ,ପିଏନଏସ

ଆଇଆଇଟି ଭୁବନେଶ୍ୱର ଜଟଣୀ କ୍ୟାମ୍ପସରେ ଏକାଦଶତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାମହିମ ରାଜ୍ୟପାଳ ଗଣେସି ଲାଲ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦାର୍ଥ ବିଜ୍ଞାନ ଆଧ୍ୟାମ୍‌ବିଦ୍ୟା ପରସ୍ପର ପରିପୂରକ ଏବଂ ଜ୍ଞାନ ସତ୍ୟର ସନ୍ଧାନ କରିଥାଏ ଓ ଆଶ୍ଚର୍ଯ୍ୟ ରୂପକ ଅନ୍ଧାରକୁ ଅପସାରିତ କରିଥାଏ ବୋଲି ରାଜ୍ୟପାଳ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ମନୁଷ୍ୟ ମନରେଥିବା କୌତୁହଳ ଉପରୁ ଅଜ୍ଞତା ଉପରୁ ପରଦା ହଟାଇଥାଏ। ବିଂଶ ଶତାବ୍ଦୀରେ ବିଜ୍ଞାନର ସମ୍ପ୍ରସାରଣ ମନୁଷ୍ୟକୁ ବ୍ରହ୍ମାଣ୍ଡରେ ସୋପ୍ନର ସୋର୍ଗ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରଯୁକ୍ତି ବିଜ୍ଞାନରେ ବ୍ୟାପକ ପ୍ରଗତି ସମ୍ପ୍ରତି ମାନବଜୀବନରେ ଦୁଃଖର ପ୍ରମୁଖ କାରଣ ପାଲଟିଛି। ପ୍ରଯୁକ୍ତି ବିଦ୍ୟା ଓ ବ୍ରହ୍ମବିଦ୍ୟା ଉଭୟର ସୁଫଳ ମାନବ କଲ୍ୟାଣ ପାଇଁ ଅପରିହାର୍ଯ୍ୟ। ପଦାର୍ଥବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମସ୍ତ ଘଟଣାବଳୀର କାରଣକୁ ଆବିଷ୍କାର ବୀଜରୁ କିପରି ବୃକ୍ଷର ସୃଷ୍ଟି ହୁଏ ତାକୁ ବିଜ୍ଞାନଗାରରେ ପ୍ରମାଣ ପରୀକ୍ଷା କରାଯାଇପାରେ କିନ୍ତୁ ବିଜରୁ ବୃକ୍ଷ କାହିଁକି ହୁଏ ଆଧ୍ୟାମ୍ ବିଦ୍ୟାହିଁ ସେ ବିଷୟରେ ଚିନ୍ତା କରିବାର ସାମର୍ଥ୍ୟ ଆମକୁ ଦେଇଥାଏ। ମୟୂର ପୁଚ୍ଛ ସୁନ୍ଦର ଓ ଏହାର ସଂରଞ୍ଜନା ଓ ଆଶ୍ଚର୍ଯ୍ୟର ରହସ୍ୟ କେବଳ ବ୍ରହ୍ମବିଦ୍ୟା ଉନ୍ମୋଚନ କରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର, ପ୍ରଫେସର ଭି.ଆର୍. ପେଡ଼ିରେଡ଼ି, ପ୍ରଫେସର ସରୋଜ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଆଇଆଇଟିକୁ ଅନୁଦାନ ଏବଂ ବିଭିନ୍ନ ସହଯୋଗ ସଂପର୍କରେ ଆଲୋକପାତ କରିଥିଲେ। ସମସ୍ତ କ୍ଷେତ୍ରରେ ବିଜ୍ଞାନର ଉନ୍ନତି ହୋଇଥିବାରୁ ଆନ୍ତରଜାତିକ ସ୍ତରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ସଂଗୃହୀତ ତଥ୍ୟ ତଥା ପରିସଂଖ୍ୟାନ୍ ଆଗାମୀ ପିଢ଼ୀର ଅର୍ଥନିତିରେ ବ୍ୟବହାର ଓ ନିଜସ୍ୱ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ



ସେମାନଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଆଇଆଇଟି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏକଶତରୁ ଉର୍ଦ୍ଧ୍ୱ ପ୍ରକଳ୍ପର ପ୍ରଦର୍ଶନିକୁ ଅତିଥି ଏବଂ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ବୁଲି ଦେଖିଥିଲେ। ତୃଣମୂଳସ୍ତରରେ ବିଜ୍ଞାନର ଜ୍ଞାନକୁ ପହଞ୍ଚାଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଅନେକ ସମୟରେ ଓପନ୍ ହାଉସ୍ ନାମରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆଇଟି କ୍ୟାମ୍ପ ଖୋଲା ରଖାଯାଇଥାଏ ବୋଲି ନିର୍ଦ୍ଦେଶକ ରାଜକୁମାର ସୂଚନା ଦେଇଥିଲେ। ଏହି ପରିପେକ୍ଷିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଆଇଆଇଟି ଫ୍ୟାକଲଟି, କର୍ମଚାରୀ ଓ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ରେଜିଷ୍ଟ୍ରାର ଦେବରାଜ ରାଥ ଓ ଅନ୍ୟମାନେ ସହାୟତା କରିଥିଲେ। ଶେଷର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।